
ଦିଗପହଣ୍ଡି


ପୁରୁଷୋତ୍ତମପୁର


ଜି. ଉଦୟଗିରି


ପାରଳାଖେମୁଣ୍ଡି


ଛତ୍ରପୁର


ଫୁଲବାଣୀ


ଗୋପାଳପୁର


ଭଞ୍ଜନଗର


ହିଞ୍ଜିଳିକାଟୁ


ବୁଗୁଡ଼ା

# ନିରାଡ଼ମ୍ବର ସ୍ୱାୟତ୍ତ ଶାସନ ଦିବସ

ଛତ୍ରପୁର,୩୧।୮(ଡି.ଏନ୍.ଏ.)

କରୋନା କଟକଣା ଯୋଗୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ନିରାଡ଼ମ୍ବର ଭାବେ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇଛି। ଛତ୍ରପୁର ଏନଏସି କାର୍ଯ୍ୟାଳୟ ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ଏନ. ଗଣେଶ ବାବୁ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଏନଏସି ପକ୍ଷରୁ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି । କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି, ବିଧାୟକ ସୁବାସ ଚନ୍ଦ୍ର ବେହେରା, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଏନ୍‌ଏସି ପ୍ରଶାସନିକ ଅଧିକାରୀ ତଥା ଡିଆର୍‌ଡିଏ ପିଡି ସିନ୍ଦେ ଦତ୍ତାତ୍ରେୟ ଭାଉସାହେବ, ଡୁଡା ପିଡ଼ି ସୁଦାମ ଚରଣ ମଣ୍ଡଳ, ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ. ଧନଞ୍ଜୟ ରେଡ୍ଡୀ ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଡିଆରଡିଏ ଛକ ନିକଟ ସେଲ୍ଫି ପଏଣ୍ଟ, ନୂଆ ବସଷ୍ଟାଣ୍ଡ ନିକଟରେ ନିର୍ମିତ ପେବର ରୋଡ, ସର୍କିଟ ହାଉସ ସମ୍ମୁଖ ଶିଶୁଉଦ୍ୟାନ ଓ ରାମଲକ୍ଷ୍ମୀନଗରରେ ଶିଶୁ ଉଦ୍ୟାନକୁ ଅତିଥିମାନେ ଉଦଘାଟନ କରିଥିଲେ।

**ଆସିକା:** ଆସିକା ଏନ୍‌ଏସିରେ ସକାଳେ ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ କର୍ମଚାରୀଙ୍କୁ ପୋଷାକ ବଣ୍ଟନ କରିଥିଲେ । ଅପରାହ୍ନରେ ବିଧାୟିକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରମିଳା ବିଷୋୟୀ ଏନ୍‌ଏସି ଇଲାକାରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦଘାଟନ କରିଥିଲେ। ଏନ୍‌ଏସି ପ୍ରଶାସକ ତଥା ଡିଆର୍‌ଡିଏ ପିଡି ଭାଉ ସାହେବଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡୁଡା ପିଡ଼ି ମଣ୍ଡଳ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜି ପ୍ରମୁଖ ଯୋଗଦେଇଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରସନ୍ନ ଟେଟେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅତିଥିମାନଙ୍କ ଦ୍ୱାରା ଏନଏସି ହାଟପଦା ନିକଟ କରୋନେଶନ ପାର୍କ, ବାଣୀବିହାର ରାସ୍ତାରେ ବରିଷ୍ଠ ନାଗରିକ ଚିତ୍ତବିନୋଦନ କେନ୍ଦ୍ର, ଓପନ ଜିମ, ବସଷ୍ଟାଣ୍ଡ ଓ ଲଛମନପଲ୍ଲୀ ରାସ୍ତାରେ ରାସ୍ତାକଡ଼ ସୌନ୍ଦର୍ଯ୍ୟକରଣ, ମୋ ଖତ କେନ୍ଦ୍ର ଓ ପରିଧାନ ବ୍ୟବସ୍ଥାର ଉଦଘାଟନ କରାଯାଇଥିଲା ।

**ସୋରଡ଼ା:** ସୋରଡ଼ା ଏନ୍‌ଏସି ପରିସରରେ ସକାଳେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ମାଧାହ୍ନରେ ମୁଖ୍ୟଅତିଥି ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଓ ବିଧାୟକ ସ୍ୱାଇଁ ଗନିଛକସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରି ବିଜୁ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ସମାରୋହରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ରବୀନ୍ଦ୍ର କୁମାର ମିଶ୍ର ,ଆଇଆଇସି ରମେଶ କୁମାର ଜେନା ଯୋଗଦେଇଥିଲେ। ଏହି ଅବସରରେ ସହର ଓ ପରିଷଦର କାର୍ଯ୍ୟ ଦକ୍ଷତା ସମ୍ପନ୍ନ ଓ ଜନସେବା ବ୍ୟକ୍ତିବିଶେଷଙ୍କୁ ପ୍ରଶଂସାପତ୍ର ଦିଆଯାଇଥିଲା। ବିଭିନ୍ନ ଉନ୍ନୟନ କାର୍ଯ୍ୟର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ଦୃତିକୃଷ୍ଣ ପାତ୍ର, ଯନ୍ତ୍ରୀ ମୁକେଶ କୁମାର ପ୍ରଧାନ, କାଳିଚରଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ହିଞ୍ଜିଳିକାଟୁ:** ହିଞ୍ଜିଳିକାଟୁ ପୌରପରିଷଦରେ ଏଡିଏମ୍ ତଥା ପୌରପ୍ରଶାସକ ଲୀନା କୁମାରୀ ଖେସ୍ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନିର୍ବାହୀ ଅଧିକାରୀ ଡ. ମନୋରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପୋଷାକ ପ୍ରଦାନ କରାଯାଇଥିଲା। ଏଥିରେ ପୌର କର୍ମଚାରୀ, ସଫେଇ କର୍ମଚାରୀଙ୍କ ସହ ବିଜେଡି ନଗର ସଭାପତି ଭୀମସେନ ବେହେରା, ହିଞ୍ଜିଳିକାଟୁ ବିଜେଡି ଯୁବ ସଭାପତି ସଞ୍ଜୟ କୁମାର ପଣ୍ଡା, ପୂର୍ବତନ ପୌର ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ପୋଲାଇ, ଗଞ୍ଜାମ ଜିଲା ବିଜେଡି ସାଧାରଣ ସମ୍ପାଦକ ପବିତ୍ର ମୋହନ ପାଣିଗ୍ରାହୀ, ପୂର୍ବତନ କାଉନ୍‌ସିଲର ଯୁଧିଷ୍ଠିର ସ୍ୱାଇଁ, ପ୍ରଶାନ୍ତ କୁମାର ପ୍ରଧାନ, କାହ୍ନୁଚରଣ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

**ଖଲ୍ଲିକୋଟ:** ଖଲ୍ଲିକୋଟ ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଟାଉନରେ ନୂତନ ଆହାର କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମିଶ୍ର, ପୂର୍ବତନ ନଗରପାଳ ରାମମୋହନ ପଣ୍ଡା ଓ ଏନ୍‌ଏସି କର୍ମଚାରୀ ଉପସ୍ଥିତ ଥିଲେ। ମା' ବାହୁଡୀ ଏସ୍‌ଏଚ୍‌ଜି ସଂଘ ଏହାର ପରିଚାଳନା ଦାୟିତ୍ୱ ନେଇଛନ୍ତି। ସେହିପରି ରାମଚନ୍ଦ୍ର ମର୍ଦ୍ଦରାଜ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ସଭାରେ ବିଭିନ୍ନ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା।

**ଗୋପାଳପୁର:** ଗୋପାଳପୁର ଏନ୍‌ଏସି କାର୍ଯ୍ୟାଳୟ ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଉପ ଜିଲାପାଳ ତଥା ପ୍ରଶାସନିକ ଅଧିକାରୀ ଭି.କୀର୍ତ୍ତି ଭାସନ୍ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବେଳାଭୂମିରେ ନିୟୋଜିତ ଥିବା ଲାଇଫ ଗାର୍ଡ ଜି. ଟିଟି ବାବୁଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜେଇ ମନୋଜିତା ରଥ, ସାନିଟାଇଜ ଏକ୍ସପାର୍ଟ ଅଭିନାଶ ସାହୁ, ସାନିଟାଇଜ ସୁପରଭାଇଜର୍ ସମୀର ମାଧି, ସିଏମ୍‌ଏମ୍‌ୟୁ କାଳୀ କୁମାର ସୁମନ, ସିଇଓ ଅନାମିକା ପଟ୍ଟନାୟକ, ପ୍ରଶାନ୍ତ କୁମାର ଦ୍ୱିବେଦୀ, ମୁନା ମହାନ୍ତି, ଅଭିରାମ କେର ଟେକିଂର ସୁବାଷ ଆଚାରି, ଡି. ହରିଶ ପଟ୍ଟନାୟକ ଉପସ୍ଥିତ ଥିଲେ।

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁର ଏନ୍‌ଏସି ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ତଥା ପ୍ରଶାସକ ଅମିୟ କୁମାର ସାହୁ ପୌରହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଯୋଗଦେଇ ସହରର ବିକାଶ ଲାଗି ବିଭିନ୍ନ ପରାମର୍ଶ ଦେଇଥିଲେ। ବିଭିନ୍ନ ବସ୍ତିରେ ହୋଇଥିବା ଉନ୍ନୟନ କାର୍ଯ୍ୟର ଉଦଘାଟନ କରାଯିବା ସହ ସୁପରଭାଇଜରମାନଙ୍କୁ ଉତ୍ତମ କାର୍ଯ୍ୟ ଲାଗି ସମ୍ମାନିତ କରାଯାଇଥିଲା। ସୁଇପରମାନଙ୍କୁ ପୋଷାକ ବଣ୍ଟାଯାଇଥିଲା। ଏହାକୁ ସିଓ ଅଞ୍ଜଳି ପାଢୀ, କନିଷ୍ଠ ଯନ୍ତ୍ରୀ ରାମଚନ୍ଦ୍ର ପେଣ୍ଟିଆ, ରାକେଶ କୁମାର ସ୍ୱାଇଁ, ସଂଗ୍ରାମ କୁମାର ନାୟକ, ଅନୁପ କୁମାର ପାଢୀ ପରିଚାଳନା କରିଥିଲେ।

**ବେଗୁନିଆପଡ଼ା:** କୋଦଳା ଏନ୍‌ଏସିରେ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ସୁଧାକର ଦାଶ, ସ୍ୱଚ୍ଛତା ବିଶେଷଜ୍ଞ ଚନ୍ଦ୍ରକାନ୍ତ ମାରାଣ୍ଡି, ବରିଷ୍ଠ କିରାଣୀ ଉଦୟ ନାଥ ସାହୁ, ମୁଖ୍ୟ ଯନ୍ତ୍ରୀ ଦୁର୍ଗା ପ୍ରସାଦ ସାହୁ, ସଂଯୋଜକ ମାନସ କୁମାର ଦାଶ, ଦ୍ୱାରିକା ନାଥ ପାଢ଼ୀ, ଶ୍ରଦ୍ଧା ନାୟକ, ଧୀରଜ କୁମାର ପାତ୍ର, ନିବେଦିତା ରଥ, କମଳଜିତ ପରିଡା, ପ୍ରିୟଙ୍କା ଜେନା, ସ୍ୱପ୍ନ କୁମାର ସାହୁ, ହରିଶ ଚନ୍ଦ୍ର ରାଉଳ ସମେତ କାର୍ଯ୍ୟାଳୟ କର୍ମକର୍ତ୍ତା ଓ ସଫେଇ କର୍ମଚାରୀ ଉପସ୍ଥିତ ଥିଲେ।

**ବୁଗୁଡ଼ା:** ବୁଗୁଡ଼ା ଏନ୍‌ଏସି କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରଶାସନ ପକ୍ଷରୁ କର୍ମଚାରୀମାନେ ପୋଲସରା ଛକରେ ସ୍ଥାପିତ ମଦନ ମୋହନ ପାଣିଙ୍କ ପ୍ରତିମୂର୍ତ୍ତିଠାରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ବସଷ୍ଟାଣ୍ଡରେ ଥିବା ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଅବସର ଗ୍ରହଣ କରିଥିବା ଏନ୍‌ଏସିର ନୋଡାଲ ଅଧିକାରୀ କାଳୁଚରଣ ରଥଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

**ଭଞ୍ଜନଗର:** ଭଞ୍ଜନଗର ଏନ୍‌ଏସିରେ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜି ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଭଞ୍ଜନଗରକୁ ଏକ ଅଗ୍ରଣୀ ଏନ୍‌ଏସି ଭାବେ ଗଢ଼ିତୋଳିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବକର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏନ୍‌ଏସି ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମେଡ଼ିକାଲରେ ରୋଗୀଙ୍କୁ ମିଷ୍ଟାନ୍ନ ବଣ୍ଟାଯିବା ସହ ସଫେଇ କର୍ମଚାରୀମାନଙ୍କୁ ପୋଷାକ ଦିଆଯାଇଥିଲା। ଭଞ୍ଜନଗର ଉଦ୍ୟାନବିତଙ୍କ କାର୍ଯ୍ୟାଳୟ ପଛପଟେ ପ୍ରାୟ ସାଢ଼େ ୨ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏସଇଟିପି ପ୍ଲାଣ୍ଟର ଭୂମିପୂଜନ କରାଯାଇଥିଲା। ଉକ୍ତ ପ୍ଲାଣ୍ଟ ଦ୍ୱାରା ସହରର ପାଇଖାନା ମଇଳାରୁ ଖତ ପ୍ରସ୍ତୁତ ହେବ ।

**ଦିଗପହଣ୍ଡି:** ଦିଗପହଣ୍ଡି ଏନ୍‌ଏସିରେ ଏନ୍‌ଏସି ପ୍ରଶାସକ ସଚ୍ଚିଦାନନ୍ଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମକୁ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ ପରିଚଳନା କରିଥିଲେ। ରାଜକିଶୋର ରଥ, ରଞ୍ଜିତ୍ ପଟ୍ଟନାୟକ, ପବିତ୍ରା ପ୍ରଧାନ, ମମତା ପଣ୍ଡା, ସ୍ନେହଲତା ମିଶ୍ର, ପି.ଲୋକେଶ୍ୱରୀ, ସନ୍ତୋଷ କୁମାର ପାଢୀ, ହରିକୃଷ୍ଣ ସାହୁ, ପ୍ରଭାକର ମେକାପ୍, ବାଳକୃଷ୍ଣ ପାଣୀଗ୍ରାହୀ, ଦୁର୍ଗାମାଧବ ପ୍ରଧାନ, ସତ୍ୟନାରାୟଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

**ପାରଳାଖେମୁଣ୍ଡି:** ପୌରପରିଷଦ କାର୍ଯ୍ୟାଳୟ ପରିସରରେ ଜିଲାପାଳ ଲିଙ୍ଗରାଜ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ଉତ୍ତମ ପୌର କର୍ମଚାରୀମାନଙ୍କୁ ସମ୍ମାନିତ ଓ ପୁରସ୍କାର ବଣ୍ଟନ କରାଯାଇଥିଲା। ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ ଅତିଥି ଭାବେ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପୌର କର୍ମଚାରୀ ପ୍ରଦୀପ କୁମାର ଲୀମା ସଞ୍ଚାଳନ କରିଥିବା ବେଳେ କନିଷ୍ଠ ଯନ୍ତ୍ରୀ ମଧୁସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଯନ୍ତ୍ରୀ ଡି ଯୁଧିଷ୍ଠିର, ଯନ୍ତ୍ରୀ ବିନୋଦ କୁମାର କିଷାନ, ବିରଞ୍ଚି ମିଶ୍ର, ଇନ୍ଦିରା ଗୌଡ଼, ସୁରେଶ ପାଣିଗ୍ରାହୀ ଓ ଘନଶ୍ୟାମ ବେହେରା, ଦିନେଶ ପଡିଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**କାଶୀନଗର:** କାଶୀନଗରରେ ପାରଳାଖେମୁଣ୍ଡି ଉପଜିଲାପାଳ ତଥା ଏନଏସିର ପ୍ରଶାସକ ଦିଲୀପ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଇନଚାର୍ଜ ଡା. ନୋଏଲ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ସିଇଓ ଶାନ୍ତିଲତା ପଲାଇ। ଏହି ଅବସରରେ ଦୁଇଟି ଗୋଷ୍ଠୀ ଶୌଚାଳୟ ଲୋକାର୍ପିତ ହୋଇଥିଲା। ଅତିଥିମାନେ ଷ୍ଟ୍ରିଟ ଭେଣ୍ଡର, ସାନିଟେସନ କର୍ମୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ମିଶନ ଶକ୍ତି ଗ୍ରୁପ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, ସଫେଇ କର୍ମୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

**ଫୁଲବାଣୀ ଅଫିସ:** ଫୁଲବାଣୀ ପୌର ପରିଷଦରେ ପୂର୍ବାହ୍ନରେ ପୌର ନିର୍ବାହୀ ଅଧିକାରୀ ବଳଦେବ ବେହେରାଙ୍କ ସମେତ କାର୍ଯ୍ୟାଳୟର ଅନ୍ୟ କର୍ମକର୍ତ୍ତାମାନେ ସହରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ଉପଜିଲାପାଳ ଶେଷଦେବ ମିଶ୍ର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ ।ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ କରୋନା ସମ୍ପର୍କିତ ଚିତ୍ରକଳା ପ୍ରଦର୍ଶନୀର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ସ୍ୱଚ୍ଛସାଥି ଓ ସୁପରଭାଇଜରଙ୍କୁ ପୋଷାକ ବଣ୍ଟାଯାଇଥିଲା ।

**ଜି.ଉଦୟଗିରି:** ଜି.ଉଦୟଗିରି ଏନଏସିରେ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ ଜାତୀୟ ପତାକା ଉତ୍ତୋଳନ କରି ଉଦ୍‌ବୋଧନ ଦେଇଥିଲେ। ସ୍ୱଚ୍ଛ କର୍ମୀ ଏବଂ ସ୍ୱଚ୍ଛ ସାଥୀ ମା'ମାନଙ୍କୁ ମାସ୍କ, ଗ୍ଲୋବ୍‌ସ ଓ ସାନିଟାଇଜର ଦିଆଯାଇଥିଲା। ସେହିପରି ପରିମଳ କାର୍ଯ୍ୟରେ ନିୟୋଜିତ ସଫେଇ କର୍ମଚାରୀମାନଙ୍କୁ ପୋଷାକ ସହ ମାନପତ୍ର ବଣ୍ଟନ କରାଯାଇଥିଲା। ସମସ୍ତ କାର୍ଯ୍ୟ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପାଦନ କରିଥିଲେ। ପରିଷଦ କର୍ମଚାରୀ ସତ୍ୟପ୍ରକାଶ ମହାପାତ୍ର, ଶିବଶଙ୍କର ଦାଶ, କମ୍ବୁପାଣି ପାଣିଗ୍ରାହୀ, ସରିତା ରଥ, ପ୍ରଦୀପ କୁମାର ଶତପଥୀ ଓ ଗଣେଶ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଆସିକାରେ ଉଦ୍‌ଘାଟିତ ପାର୍କ


ସୋରଡ଼ା



କାଶୀନଗର


କୋଦଳା

## ନାମ ସଂକୀର୍ତ୍ତନ ମଣ୍ଡଳର ଶୁଭାରମ୍ଭ

ଆସିକା,୩୧।୮(ଡି.ଏନ.ଏ.)

ଆସିକା ଏନ୍‌ଏସି ଅନ୍ତର୍ଗତ ପାକଲାପଲ୍ଲୀର ଛୋଟ ପିଲାଙ୍କୁ ନେଇ ହୋଇଥିବା ନାମସଂକୀର୍ତ୍ତନ ମଣ୍ଡଳିର ଶୁଭାରମ୍ଭ ହୋଇଛି। ନାମ ସଂକୀର୍ତ୍ତନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ପ୍ରାୟ ୩୦ଜଣ ପିଲା ସାମିଲ ହୋଇଛନ୍ତି। ପାକଲାପଲ୍ଲୀର ସନ୍ତୋଷ ପୋଲାଇ, ସୀମାଞ୍ଚଳ ପରିଡା, ରମେଶ ପୋଲାଇ, ପ୍ରଫୁଲ୍ଲ ପୋଲାଇ, ନରହରି ପୋଲାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ସମ୍ପର୍କିତ ଆଲୋଚନାଚକ୍ର

ଭଞ୍ଜନଗର,୩୧।୮(ଡି.ଏନ.ଏ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଛାତ୍ରୀଛାତ୍ରଙ୍କୁ ନେଇ ମଙ୍ଗଳବାର ସ୍ଥାନୀୟ ବନବିହାର ପରିସରରେ ସାଂପ୍ରତିକ ପରିସ୍ଥିତିରେ ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ଏଥିରେ କଲେଜ ଅଧ୍ୟକ୍ଷ ଡ଼.ସୁବାସ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖବରଦାତାମାନେ ସର୍ବଦା ନିର୍ଭିକ ଏବଂ ସଚ୍ଚୋଟ ହେବାକୁ ପଡ଼ିବ ବୋଲି କହିଥିଲେ। ଏଥିସହ ବିଭାଗୀୟ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ବି.କେ.ପ୍ରଧାନ ଆଲୋଚନାରେ ଭାଗନେଇ ବର୍ତ୍ତମାନ ପରିସ୍ଥିତିରେ ଗଣମାଧ୍ୟମ ସଂସ୍ଥାଗୁଡ଼ିକରେ ନିଯୁକ୍ତିରେ ବ୍ୟାପକ ସୁଯୋଗ ରହିଛି ବୋଲି କହିଥିଲେ। ଶେଷବର୍ଷ ଛାତ୍ର ସୁମନ କୁମାର ରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଛାତ୍ରୀ ମନିଷା ବିଶ୍ୱାଳ, ଅନିତା ବେହେରା, ମଧୁସ୍ମିତା ନାୟକ, ଗୀତାଞ୍ଜଳି ପ୍ରଧାନ, ସାଲିନି ନାୟକ, ଛାତ୍ର ଜୁଗୁନୁ ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଛାତ୍ର ଅମିର ପ୍ରଧାନ ସ୍ୱାଗତ ଭାଷଣ ଓ ଛାତ୍ର ବିକାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ର ଟୁଲୁ ସ୍ୱାଇଁ, ସନ୍ତୋଷ ବିଷୋୟୀ, ଚିନ୍ତାମଣି ବିଷୋୟୀ, ଦିପୁ ପ୍ରଧାନ,ସାଗର ପ୍ରଧାନ, ଅଜୟ ପ୍ରଧାନ, ଦୀପକ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

## ଗଞ୍ଜାମରେ ଖରିଫ ଚାଷ ବାଧାପ୍ରାପ୍ତ

### ଜିଲାରେ ଜଳସେଚନ ବ୍ୟବସ୍ଥା ବିପର୍ଯ୍ୟସ୍ତ

ବ୍ରହ୍ମପୁର ଅଫିସ,୩୧।୮

ଜଳସେଚନ ଅଭାବରୁ ଚଳିତ ବର୍ଷ କୃଷି ପ୍ରଧାନ ଜିଲା ଗଞ୍ଜାମରେ ସମ୍ଭାବ୍ୟ ମରୁଡ଼ି ଆଶଙ୍କା ଘନୀଭୂତ ହୋଇଛି। ଧାରା ଶ୍ରାବଣରେ ଆବଶ୍ୟକ ପରିମାଣ ବର୍ଷା ଅଭାବରୁ ଚାଷ କାର୍ଯ୍ୟ ବିଗିଡ଼ି ଯାଇଛି। ଚାଷୀମାନେ ଅନାଇ ରହିଥିବା ସାମୁଦ୍ରିକ ଲଘୁଚାପ ମଧ୍ୟ ଉଭେଇ ଯାଇଛି। କୃଷି ବିଭାଗ ସୂଚନାନୁଯାୟୀ, ଜିଲାରେ ପ୍ରାୟ ୨ ଲକ୍ଷ ହେକ୍ଟର ଜମିରେ ଖରିଫ ଧାନ ଚାଷ କରାଯାଇଛି। ତେବେ ଅନାବୃଷ୍ଟି ଯୋଗୁ ଚାଷୀ ଓ ଭାଗଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ତେଣୁ ଏବେଠୁ ଏହି ଜିଲାକୁ ମରୁଡ଼ି ଘୋଷଣା ସହ ସମସ୍ତ ସହାୟତା ଯୋଗାଇବାକୁ କୃଷକ ସଂଗଠନ ଓ ବିଭିନ୍ନ ମହଲରୁ ଦାବି ହୋଇଛି।

ଅପରପକ୍ଷରେ ବିପର୍ଯ୍ୟସ୍ତ ସେଚ ବ୍ୟବସ୍ଥା ନେଇ ବିରୋଧୀ ଭାଜପା ରାଜନୀତି ଆରମ୍ଭ କରିଥିବା ବେଳେ ଶାସକ ବିଜେଡି ଚୁପ ରହିଛି। ଅଗଷ୍ଟ ଦ୍ୱିତୀୟ ସପ୍ତାହରେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ଏକ ଟିମ୍ ସହ ଗସ୍ତରେ ଆସି ଚାଷ ଜମିକୁ ପାଣି ନ ପାଇ ବଉଳଖୋଲି ଗ୍ରାମରେ ଆତ୍ମହତ୍ୟା କରିଥିବା ଯୁବଚାଷୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ସମଗ୍ର ଜିଲାରେ ଜଳସେଚନ ବ୍ୟବସ୍ଥା କରାଯିବା ଦାବି ନେଇ କୃଷକ ଆନ୍ଦୋଳନର ଚେତାବନୀ ଦେଇଥିଲେ। ଦୁଇଦିନ ତଳେ ଭାଜପାର ଆଉ ଏକ ଟିମ୍ ଆସି ଚିକିଟି, ଗୋପାଳପୁର ଓ ଛତ୍ରପୁର ନିର୍ବାଚନ ମଣ୍ଡଳୀର ସ୍ଥିତି ଅନୁଧ୍ୟାନ କରିଥିଲେ। ତେବେ ଅନ୍ୟ ବିରୋଧୀ ଦଳ କଂଗ୍ରେସ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହିଁ।

ଗଞ୍ଜାମର ମରୁଡ଼ି ସ୍ଥିତି ସଂଗୀନ ହୋଇଥିବା ବେଳେ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ଦୁଇ ବ୍ଲକରେ ୫-ଟି କାର୍ଯ୍ୟକ୍ରମରେ ହୋଇଥିବା ୫୦ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ମାର୍ଟ ତଥା ରୂପାନ୍ତରୀକରଣ କାର୍ଯ୍ୟକ୍ରମ ଦେଖିବା ପାଇଁ ବିଜେଡି ବିଧାୟକ, ମନ୍ତ୍ରୀ ଓ ଏମପିମାନେ ୫ ପର୍ଯ୍ୟାୟରେ ରାଜକୀୟ ଗସ୍ତ କରିଥିଲେ। ଗୋଟିଏ ନିର୍ବାଚନ ମଣ୍ଡଳୀର ଏହି କାର୍ଯ୍ୟକ୍ରମ ଦେଖି ଗଞ୍ଜାମର ବିକାଶ ସମଗ୍ର ରାଜ୍ୟ ପାଇଁ ମଡେଲ ହୋଇଥିବା ଦର୍ଶାଇଥିଲେ। ହେଲେ ଜିଲାର ଜଳସେଚନ ସ୍ଥିତି ଏବଂ ଚାଷୀଙ୍କ ସମସ୍ୟା ନେଇ ପଦେ ମଧ୍ୟ କହିନଥିଲେ। ଜିଲାରେ ସମ୍ଭାବ୍ୟ ମରୁଡ଼ି ସ୍ଥିତି ବେଳେ ସରକାରୀ ଦଳ ନେତାଙ୍କ ଭ୍ରମଣକୁ ବାମପନ୍ଥୀ ସଂଗଠନ ପକ୍ଷରୁ କଟାକ୍ଷ କରାଯାଇଛି।

## ଗଞ୍ଜେଇ ଭର୍ତ୍ତି ଟ୍ରକ ଜବତ, ୨ ଗିରଫ

ବ୍ରହ୍ମପୁର ଅଫିସ,୩୧।୮

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ମହୁରୀ କାଲୁଆ ଛକରୁ ଅବକାରୀ ଗୋଇନ୍ଦା ବିଭାଗ ମଙ୍ଗଳବାର ଏକ ଗଞ୍ଜେଇ ଭର୍ତ୍ତି ଟ୍ରକ୍ ଜବତ କରିଛି। ଏ ସଂକ୍ରାନ୍ତରେ ବିହାର ରାଜ୍ୟର ବୈଶାଳୀ ଜିଲା ଜୁରବାନଗର ଥାନା ଅନ୍ତର୍ଗତ ବିରିପୁର ଗ୍ରାମର ଅରବିନ୍ଦ କୁମାର ଓ ନୀତୀଶ କୁମାରଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇ ଗଜପତି ଜିଲା ଚାନ୍ଦିପୁଟ ଅଞ୍ଚଳରୁ ଏକ ଟ୍ରକ୍‌ରେ ଅଣାଯାଇ ବ୍ରହ୍ମପୁର ଦେଇ ବିହାର ବୈଶାଳୀ ଜିଲାକୁ ଚାଲାଣ ହୋଇଥାନ୍ତା ବୋଲି ଜଣାପଡ଼ିଛି। ଅବକାରୀ ବିଭାଗର ଏକ ଟିମ୍ ମଙ୍ଗଳବାର କାଲୁଆ ଛକରେ ପାଟ୍ରୋଲିଂ କରୁଥିଲା। ସେ ସମୟରେ ଆସୁଥିବା ଟ୍ରକ (ନଂ ଡବ୍ଲୁବି ୨୫ଜି ୮୬୮୪)କୁ ସନ୍ଦେହରେ ଅଟକ ରଖି ଯାଞ୍ଚ କରିଥିଲା।ସେଥିରୁ ୧୧ଟି ବସ୍ତାରେ ଥିବା ୩୮୫ କେଜି ଗଞ୍ଜେଇ ଜବତ ହୋଇଥିଲା। ନଂ. ୨୦୭/୨୧-୨୨ରେ ମାମଲା ରୁଜୁ ହୋଇଥିଲା। ଜବତ ଗଞ୍ଜେଇ ଓ ଟ୍ରକ୍‌ର ଆନୁମାନିକ ମୂଲ୍ୟ ପ୍ରାୟ ୩୯ ଲକ୍ଷ ୨୫ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି।

## ସ୍ୱାୟତ୍ତ ଶାସନ ଦିବସରେ ଏନ୍‌ଏସି ଘେରାଉ


ଏନ୍‌ଏସି ଘେରାଉ କରିଥିବା ଯୁବଗୋଷ୍ଠୀ।

ଗଞ୍ଜାମ,୩୧।୮(ଡି.ଏନ.ଏ.)

ବିଭିନ୍ନ ସମସ୍ୟା ନେଇ ସୋମବାର ମଙ୍ଗଳବାର ଗଞ୍ଜାମ ଏନ୍‌ଏସି ପ୍ରଶାସନ ସ୍ୱାୟତ୍ତ ଶାସନ ଦିବସ ପାଳନ କରୁଥିବା ବେଳେ ଯୁବଗୋଷ୍ଠୀ ଘେରାଉ କରିଥିଲେ। ଯୁବଗୋଷ୍ଠୀ ଇଓ ରୋନିତ କୁମାରଙ୍କୁ ସହର ସମସ୍ୟା ନେଇ ପ୍ରଶ୍ନ କରିଥିଲେ। ପାନୀୟ ଜଳ ସମସ୍ୟା ପିଏଚଡି ଅଫିସ ଯାଇ କମ୍ପ୍ଲେନ କର ବୋଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କହିବା ପରେ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଘେରାଉରେ ବିଜେଡି ଡିଜିଟାଲ ସେକ୍ରେଟାରୀ ଆଶୁତୋଷ ଦାସ, ଆଦିତ୍ୟ ମହାପାତ୍ର, ପ୍ରବୀର ପାଢ଼ୀ, ଉମେଶ ପାଢ଼ୀ, ବିଜେଡି ଯୁବ ନେତା ରାନୁ ବୈଠାରୁ, ମିଟୁ ପାଢ଼ୀ, ଗୌରୀ ଶଙ୍କର ପାଢ଼ୀ, ଗୋପୀ କିଷାନ ମଙ୍ଗରାଜ, ଅମିତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଇଓ କହିଛନ୍ତି ଅଞ୍ଚଳର ଯୁବକମାନେ ବିଭିନ୍ନ ସମସ୍ୟା ବିଷୟରେ ଅଭିଯୋଗ କରିଛନ୍ତି। ପଞ୍ଚଦଶ ଅର୍ଥ କମିଶନ ଫଣ୍ଡରେ ପଇସା ଖର୍ଚ୍ଚ କରାଯାଇ ଉକ୍ତ ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି।

